# ପିଲାଙ୍କ ଧରିତ୍ରୀ

ଶନିବାର ,୧୦ ଜୁନ୍, ୨୦୨୩





୭ କବିତା

୮ ଆଇନା

୭ ଜଣା ଅଜଣା

# ଏକତାର ବଳ



## ଗପ

ଗାଁଆଁରୁ ଅଳ୍ପ ଦୂରରେ ବିଲ ମଝିରେ ରହୁଥିଲେ ବସନ୍ତଙ୍କ ପରିବାର। ସେ ତାଙ୍କ ଘରେ ଗାଇ,ବଳଦ, କୁକୁର, ବିଲେଇ ଓ କିଛି କୁକୁଡ଼ା ମଧ୍ୟ ପାଳିଥିଲେ। ଚାଷ କାମରୁ ଯାହା ମିଳେ, ସେଥିରେ ପରିବାର ସହ ଖୁସିରେ ଦିନ କାଟନ୍ତି। ପୋଷା ଜୀବଜନ୍ତୁମାନେ ଗୋଟିଏ ଜାଗାରେ ରହି ଆସୁଥିବାରୁ, ସେମାନଙ୍କ ମଧ୍ୟରେ ଖୁବ୍ ତାଳମେଳ ରହିଥିଲା। ବଳଦ ଚାଷ କାମରେ ସାହାଯ୍ୟ କରେ, ଗାଇ କ୍ଷୀର ଦିଏ, କୁକୁଡ଼ା ଅଣ୍ଡା ଦିଏ, କୁକୁର ଓ ବିଲେଇ ପରିବାରର ସୁରକ୍ଷା ପାଇଁ ନିଘା ରଖନ୍ତି। ସମସ୍ତଙ୍କ ସହଯୋଗରେ ଦିନ ବିତିଯାଏ ଜଣା ପଡେନାହିଁ।

ବୈଶାଖ ମାସ ହୋଇଥିବାରୁ ଖରା ନଇଁଲା ପରେ କ୍ଷେତରେ ପାଣି ମଡ଼ାଉଥାନ୍ତି ବସନ୍ତ। ଗୋଟିଏ ମାଆ କୁକୁଡ଼ା ଆଠ-ଦଶଟି ଛୁଆଙ୍କୁ ନେଇ ଶାଗପଟାଳି ପାଖରେ ସେମାନଙ୍କୁ ଆହାର ଖୋଜିବାର କୌଶଳ ଶିଖାଉଥାଏ। କୁକୁର ଓ ବିଲେଇ ଘର ପାଖ ଆମ୍ବଗଛ ଛାଇରେ ଅଳସ ମାରୁଥାନ୍ତି। ଏହି ସମୟରେ ଗୋଟିଏ ବଣୁଆ ନେଉଳ କୁକୁଡ଼ା ଛୁଆଙ୍କୁ ଖାଇବା ଆଶାରେ ଲୁଚି ଲୁଚି ଆସି ଶାଗପଟାଳି ପାଖରେ ପହଞ୍ଚିଗଲା। ମାଆ କୁକୁଡ଼ା ନେଉଳର ଗତିବିଧିକୁ ଲକ୍ଷ୍ୟକରି ଛୁଆମାନଙ୍କୁ ସୁରକ୍ଷା ଘେରରେ ରଖିଥାଏ। ହଠାତ୍ ନେଉଳଟି ଗୋଟିଏ କୁକୁଡ଼ା ଛୁଆକୁ ଖାଇବା ପାଇଁ ଛୁଟି ଆସିଲା ଓ ଛୁଆଟିକୁ ମୁହଁରେ କାମୁଡି ଧରିବାକୁ ଚେଷ୍ଟା କଲା। ଏହାଦେଖି ମାଆ କୁକୁଡ଼ାଟି ଆଖି ପିଛୁଳାକେ ନେଉଳ ଉପରକୁ କୁଦି ପଡ଼ିଲା ଓ ତା'ର ଚିତ୍କାର ଶୁଣି, ଗଛତଳେ ଶୋଇଥିବା କୁକୁର ଓ ବିଲେଇ ନେଉଳକୁ ପ୍ରତିଆକ୍ରମଣ କରିବା ଆରମ୍ଭ କରିଦେଲେ। ସମସ୍ତଙ୍କ ମିଳିତ ଆକ୍ରମଣରେ ନେଉଳଟି ପ୍ରାଣ ବିକଳରେ ସେ ସ୍ଥାନ ଛାଡ଼ି ପଳାଇଗଲା ଏବଂ ପୁନର୍ବାର ଆସିବା ପାଇଁ ସାହସ କଲାନାହିଁ।

ଏତିକିବେଳେ ବସନ୍ତଙ୍କ ପତ୍ନୀ ଘର ଭିତରୁ ଦୌଡ଼ିଆସି ଦେଖିଲେ ଗୋଟିଏ କୁକୁଡ଼ା ଛୁଆ ନେଉଳର ଆକ୍ରମଣରେ ଆଂଶିକ ଖଣ୍ଡିଆ ଖାଇବା ହୋଇଛି। ପରିବାର ଲୋକେ ତା'ର ଯତ୍ନ ନେବାରୁ କୁକୁଡ଼ା ଛୁଆଟି କିଛି ଦିନରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲା।

ପୋଷା ପ୍ରାଣୀଙ୍କ ଏକତା ବଳରେ କୁକୁଡ଼ା ଛୁଆଟିର ଜୀବନ ବଞ୍ଚିଲା ଓ ବଣୁଆ ନେଉଳ ନିଜର ହାର ମାନି ବସନ୍ତଙ୍କ ପୋଷା ଜୀବଙ୍କ ଭୟରେ ନିଜକୁ ଦୂରେଇ ରଖିଲା। ପତ୍ନୀଙ୍କ ପାଖରୁ ସମସ୍ତ କଥା ଶୁଣିଲା ପରେ ବସନ୍ତ ଖୁବ୍ ଖୁସି ହୋଇ ନିଜର ପିଲାମାନଙ୍କୁ କହିଲେ, ଏକତା ସାମ୍ନାରେ ଚତୁର ନେଉଳ ବି ହାର ମାନିଲା। ତେଣୁ ସବୁବେଳେ ଏହା ମନେ ରଖିବା ଉଚିତ ଯେ ଏକତା ହିଁ ବଳ। ଏକତା ଅସମ୍ଭବକୁ ସମ୍ଭବରେ ପରିଣତ କରିବା ସହ ପରିବାରକୁ ସୁରକ୍ଷା ବଳୟରେ ରଖିବା ପାଇଁ ସମସ୍ତ ସଦସ୍ୟଙ୍କୁ ପ୍ରେରଣା ଦେଇଥାଏ।

– **ରାମଚନ୍ଦ୍ର ବେହେରା,** ତେନ୍ତୁଳିପଦା, ଜଗତ୍‌ସିଂହପୁର, ମୋ: ୭୩୫୫୬୩୪୩୪୬

## ଖିଲି ଖିଲି ହସ

ସିକ୍ୟୁରିଟି ଗାର୍ଡ ଇଣ୍ଟରଭ୍ୟୁରେ ରାଜୁକୁ ପଚରାଗଲା ତୁମକୁ ଇଂରାଜୀ କହି ଆସେ।
ରାଜୁ: ସାର୍, କାହିଁକି ଚୋର କ'ଣ ଇଂଲଣ୍ଡରୁ ଆସିବେ କି!

ବିଜୁ ତା' ସାଙ୍ଗ ଅଜୁକୁ ଜ୍ଞାନ ଦେଉଥିଲା।
ବିଜୁ: ଯଦି ପରୀକ୍ଷାରେ ପ୍ରଶ୍ନ ବହୁତ କଠିନ ହୋଇଥିବ, ତେବେ ପ୍ରଥମେ ଆଖି ବନ୍ଦ କରିବୁ, ଦୀର୍ଘନିଃଶ୍ୱାସ ନେବୁ ଏବଂ ଜୋର୍‌ରେ ଚିଲାଇ କହିବୁ ଏ ପାଠ ବହୁତ ଭଲ, ଏଥିପାଇଁ ଏହି ପାଠକୁ ଆସନ୍ତା ବର୍ଷ ପୁଣି ପଢ଼ିବି।

ଜଣେ ରୋଗୀ ଡାକ୍ତରଙ୍କ ନିକଟକୁ ଗଲା।
ରୋଗୀ: ଡାକ୍ତରବାବୁ ମୋ କାନରେ ମଟର ଗଛ ଉଠିଛି।
ଡାକ୍ତର: ଇଏ ତ ଆଶ୍ଚର୍ଯ୍ୟର କଥା
ରୋଗୀ: ଆଜ୍ଞା,ଡାକ୍ତରବାବୁ, ଆଶ୍ଚର୍ଯ୍ୟର କଥା ହେଲା– ମୁଁ ତ କାନରେ ଭେଣ୍ଡି ମଞ୍ଜି ପକାଇଥିଲି।

# ସୁସ୍ଥ ରଖେ ସାଇକେଲ

ସାଇକେଲ ଚଲାଇବାକୁ ପିଲାମାନଙ୍କର ଥାଏ ସ୍ୱତନ୍ତ୍ର ଆକର୍ଷଣ। ତେବେ ଏହି ଅଭ୍ୟାସ କେବଳ ଖୁସି ଯେ ଦେଇଥାଏ ତା' ନୁହେଁ ବରଂ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ୍ ଫଳପ୍ରଦ।

– ସାଇକେଲ ଚଲାଇବା ଦ୍ୱାରା ଶରୀରର କ୍ୟାଲୋରୀ କମ୍ ହୋଇଥାଏ, ଫଳରେ ଓଜନ ହ୍ରାସ କରି ନିୟନ୍ତ୍ରଣରେ ରଖିବା ଅତ୍ୟନ୍ତ ସହଜ ହୁଏ।

– ଦିନକୁ ଅତିକମ୍‌ରେ ଅଧଘଣ୍ଟା ସାଇକେଲ ଚଲାନ୍ତୁ। ଏହା ଦ୍ୱାରା ଗୋଡ଼ର ମାଂସପେଶୀ ମଜବୁତ ହୋଇଥାଏ। ନିଜର ସ୍ୱାସ୍ଥ୍ୟ ଅନୁସାରେ ଅଧିକ ସମୟ ସାଇକେଲ ଚଲାଇଲେ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ।

– ସାଇକେଲ ଚଲାଇବା ନିମନ୍ତେ ପରିଶ୍ରମ କରିବାକୁ ପଡୁଥିବାରୁ ନିଶ୍ୱାସ ପ୍ରଶ୍ୱାସର ଗତି ତୀବ୍ର ହୋଇଥାଏ, ଯାହା ଏକ ସୁନ୍ଦର ଏକ୍ସରସାଇଜ୍। ଏହି କାରଣରୁ ହାର୍ଟ ମଧ୍ୟ ସୁସ୍ଥ ରହିଥାଏ।

– ମାନସିକ ଚାପ କମ୍ କରିବାକୁ ଚାହୁଁଥିଲେ ସାଇକେଲ ଚଲାନ୍ତୁ। କାହିଁକିନା ସାଇକେଲ ଚଲାଇବା ଫଳରେ ହାପି ହର୍ମୋନ ସକ୍ରିୟ ହୋଇଥାଏ ଏବଂ ମସ୍ତିଷ୍କରେ ରକ୍ତ ସଞ୍ଚାଳନର ଗତି ବି ତୀବ୍ର ହୋଇଥାଏ।

– ସାଇକେଲ୍ ଚଲାଇବା ପାଇଁ ପେଟ୍ରୋଲ କିମ୍ବା ଡିଜେଲ ଆବଶ୍ୟକ ହୋଇ ନ ଥାଏ। ତେଣୁ ଏହା ଶରୀରକୁ ସୁସ୍ଥ ରଖିବା ସହିତ ଖର୍ଚ୍ଚ କମ୍ କରିଥାଏ ଏବଂ ପରିବେଶ ସୁରକ୍ଷାରେ ମଧ୍ୟ ସହଯୋଗ କରିଥାଏ।

– ସ୍ୱାସ୍ଥ୍ୟ ଓ ପରିବେଶ ନିମନ୍ତେ ସାଇକେଲ୍ ଚଲାଇବାର ଯଥେଷ୍ଟ ଗୁରୁତ୍ୱ ରହିଛି। ତେଣୁ ସାଇକେଲ ଚଳାଇବା ନେଇ ସଚେତନତା ସୃଷ୍ଟି କରିବା ନିମନ୍ତେ ସାରା ବିଶ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି।



## ମତାମତ


➲ ବିଜ୍ଞାନ ଯାଦୁ ସ୍ତମ୍ଭରେ ପ୍ରକାଶିତ 'ନିଜ ସହିତ ନିଜେ ଭୋଜନ କର' ପାଠଟି ପଢ଼ିବାକୁ ବହୁତ ମଜା ଲାଗିଲା।
– ରବିଚନ୍ଦ୍ର ସାହୁ, ଭୁବନେଶ୍ୱର

➲ କହିଲ ଦେଖି ପଢ଼ିବାକୁ ବହୁତ ଭଲଲାଗେ।
–ଜଗନ୍ନାଥ ପରିଡ଼ା,ହିନ୍ଦୋଳ,ଢେଙ୍କାନାଳ


➲ ପାଞ୍ଚଟି କଥା ବିଷୟଟି ପିଲାଙ୍କ ଲାଗି ଶିକ୍ଷଣୀୟ ହୋଇପାରିଛି।
– ଅଶ୍ୱିନୀ ରାଉତ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା

'➲ ଲୋଭରୁ ପାପ, ପାପରୁ ମୃତ୍ୟୁ ଗପ'ଟି ଅତି ଲୋଭ କଲେ ପରିଣାମ କ'ଣ ହୁଏ, ତାହା ଜାଣିବାକୁ ପାଇଲି।
– ବ୍ରିଜେଶ ଦାସ, ବାସୁଦେବପୁର, ଭଦ୍ରକ

## ରଙ୍ଗ ଦିଅ



## ଗତ ଥରର ରଙ୍ଗ ଦିଅ





ପ୍ରତିମା ଗଉଡ଼
କ୍ଲାସ୍-୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଳାହାଣ୍ଡି

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



କୁହାଯାଏ ରଜ
ମଉଜ ମାନେ ଏହି
ତିନିଦିନ ଖାଲି ମଜା
ଆଉ ମସ୍ତି କରିବା।
ନୂଆ ଡ୍ରେସ ପିନ୍ଧି
ପିଠାପଣା ଖାଇ
ବିଭିନ୍ନ ସ୍ଥାନ ବୁଲିବା।
ତେବେ ସ୍କୁଲ ଛୁଟି
ଥିବାରୁ ଓଡିଆଙ୍କର
ଏହି ଗଣପର୍ବ
କେମିତି ପାଳିବେ
ସେଥିପାଇଁ ବେଶୀ
ଉତ୍ସାହିତ ଥାନ୍ତି
ପିଲାମାନେ...

# ହ୍ୟାପି ରଜ

ଆମ ରାଜ୍ୟର ଗଣପର୍ବ ରଜ। ଇଏ ଏମିତି ଏକ ପର୍ବ ଯେଉଁଥିରେ ସମସ୍ତେ ଖୁସି ମନାନ୍ତି। ସମସ୍ତଙ୍କ ପାଇଁ ବିଶ୍ରାମ ଆଉ ଖେଳାବୁଲା କରିବାର ସୁନ୍ଦର ଅବସର। ସେଥିପାଇଁ ତ ରଜରେ ସହରଠୁ ଆରମ୍ଭ କରି ଗାଁରେ ସବୁଆଡେ ମଜାମସ୍ତିର ପରିବେଶ ଦେଖିବାକୁ ମିଳେ। ଏମିତିକି ବୟସ୍କମାନେ ବି ଏଇ ସମୟରେ ବିଭିନ୍ନ ପ୍ରକାରର ଖେଳରେ ସମୟ କଟାନ୍ତି। ତେଣୁ ପିଲାମାନେ ବା ଏଥିରୁ ବାଦ୍ ପଡିବେ କେମିତି!

## ମାମୁଘରେ ରଜ



ରଜ ତିନି ଦିନ ପାଇଁ ଆମର ପୂରା ପ୍ରସ୍ତୁତି ହୋଇଛି। ଆମେ ସମସ୍ତେ ମାମୁଘରକୁ ଯିବୁ। ମାଉସୀ ଆଉ ଲିପୁନ ଭାଇ, ଲୁସି ଦିଦି ବି ମାମୁଘରକୁ ଆସିବେ। ସମସ୍ତେ ମିଶି ଆମେ ଏଥର ଘଟଗାଁ ତାରିଣୀ ମନ୍ଦିରକୁ ଯିବୁ। ଆଉ ଘରକୁ ଫେରି ମାମୁଘର ଗାଁରେ ଯାତ୍ରା ଦେଖିବୁ। ରଜ ତିନି ଦିନ ଯାକ ସେଠି ଯାତ୍ରା ହୁଏ ଆଉ ମେଳା ବି ଲାଗେ। ଜିନିଷ କିଣାବିକା ପାଇଁ ମାମୁ ଆମ ସମସ୍ତଙ୍କୁ ସାଙ୍ଗରେ ନେଇ ଯାନ୍ତି। ନୂଆ ଡ୍ରେସ୍ ପିନ୍ଧି ପିଠାପଣା ଖିଆପିଆ ସାଙ୍ଗକୁ ଯାତ୍ରା ବୁଲା ବହୁତ ମଜା ହେବ।

**–ଦେବରାଜ ମହାନ୍ତି**
କ୍ଲାସ–୭, ଓଡିଶା ଆଦର୍ଶ ବିଦ୍ୟାଳୟ, ବାସୁଦେବପୁର, ଭଦ୍ରକ

## ଦୋଳି ଖେଳିବୁ



ଖରାଛୁଟି ହେବା ଦିନରୁ ମାମା ସହିତ ଆମେ ଭାଇ ଭଉଣୀ ଗାଁକୁ ଆସିଛୁ। ରଜବେଳେ ବାବା ମଧ୍ୟ ଛୁଟି ନେଇ ଆମ ପାଖକୁ ଆସିବେ। ଆଉ ଆମେ ସମସ୍ତେ ଏକାଠି ରଜରେ ବୁଲିବାକୁ ଯିବୁ। ସମସ୍ତେ ମିଶି ନନ୍ଦନକାନନ ଯିବୁ ବୋଲି ବାବା କହିଛନ୍ତି। ମାମୁଙ୍କ ପୁଅ ଚିକୁନ ଭାଇ ବି ରଜରେ ଆମ ପାଖକୁ ଆସିବ। ସମସ୍ତେ ମିଶି ବୁଲାବୁଲି କରିବୁ। ଏଠି ଆମ ଘରେ କିଣା ଦୋଳି ବି ଲଗାହୁଏ। ତା' ସାଙ୍ଗକୁ ବିଭିନ୍ନ ପ୍ରକାର ପିଠାପଣା ଖିଆପିଆ ଆଉ ସବୁଦିନ ବୁଲାବୁଲି କରିବା ପାଇଁ ଆମର ଯୋଜନା ହୋଇଛି। ତେବେ ଦୁଃଖ ଲାଗୁଛି ରଜ ସରିଗଲେ ଆମେ ପୁଣି ବାବାଙ୍କ ସହିତ ସମସ୍ତେ ଫେରିଯିବୁ।

**–ରିଚିତା ନନ୍ଦ**
କ୍ଲାସ–୬, ଭିଭା ସ୍କୁଲ, ନମ୍ବୁର, ଗୁଣ୍ଟୁର, ଆନ୍ଧ୍ରପ୍ରଦେଶ

## କୋଣାର୍କ ଯିବୁ



ରଜ ମାନେ ଖିଆପିଆ ବୁଲାବୁଲି। ରଜ ପାଇଁ ଟିଉଶନ ବି ଛୁଟି ଦିଆହେଇଛି। ତେଣୁ ରଜରେ ପରିବାର ସହିତ ପୁରୀ, କୋଣାର୍କ ବୁଲିବାକୁ ଯିବି। କୋଣାର୍କରେ ମ୍ୟୁଜିୟମ୍ ଦେଖିବା ପାଇଁ ମୁଁ ବହୁତ ଉତ୍ସାହିତ ଅଛି। ଏବେ ସେହି ମ୍ୟୁଜିୟମରେ କୋଣାର୍କର ଇତିହାସ ଓ ଧର୍ମପଦକୁ ନେଇ ଏକ ସୁନ୍ଦର ଡକ୍ୟୁମେଣ୍ଟାରୀ ଫିଲ୍ମ ପ୍ରଦର୍ଶନ ହେଉଛି ବୋଲି ମୋ ସାଙ୍ଗ ଚିଣ୍ଟୁ କହୁଥିଲା। ଏଥର ରଜରେ ବାବା ମତେ କୋଣାର୍କ ମ୍ୟୁଜିୟମକୁ ନେବେ ବୋଲି କହିଛନ୍ତି।

**–ଅନିନ୍ଦ୍ୟ ଅରବିନ୍ଦ**
କ୍ଲାସ–୯, ଶ୍ରୀମଦ ଭଗବଦ୍ ଗୀତା ବିଦ୍ୟାମନ୍ଦିର, ନୟାପଲ୍ଲୀ, ଭୁବନେଶ୍ୱର

## ଗାଁରେ ରଜ



ବାବା ମାମାଙ୍କ ସହ ମୁଁ ଆମେରିକାରେ ରହେ ସତ କିନ୍ତୁ ପ୍ରତିବର୍ଷ ରଜ ପାଳିବା ପାଇଁ ଗାଁକୁ ଆସେ। ଏଥର ମଧ୍ୟ ଆମେ ସମସ୍ତେ ଗାଁକୁ ଆସିଛୁ। ତେଣୁ ଏଇଠି ରହିକି ରଜ ପାଳିବି। ଆମ ଗାଁ ଘରେ ବଡ ବାଡି ରହିଚି ଯେଉଁଠି ଆମ୍ବ, ପଣସ ଆଦି ବଡ ବଡ ଗଛ ରହିଛି। ଆମ୍ବ ଗଛରେ ବାଉଁଶ ଦୋଳି ଲାଗିବ ବୋଲି ଦାଦା ସବୁ ପ୍ରସ୍ତୁତ କରି ରଖିଛନ୍ତି। ତା ଛଡା ଘରେ ଭୋଜି ହବ ଆଉ ଅପା, ପିଇସା ସମସ୍ତେ ଆସିବେ। ସମସ୍ତେ ଘରେ ଏକାଠି ହେଲେ ବହୁତ ମଜା ହବ। ଦୋଳି ଖେଳକୁ ଖିଆପିଆ ଆଉ ସମସ୍ତଙ୍କ ସାଙ୍ଗେ ବେଶ୍ ଖୁସିରେ ସମୟ କଟିଯିବ। ହେଲେ ରଜ ସରିଗଲେ ଛୁଟି ସରିଯିବ ଭାବିକି ଟିକେ ମନ ଦୁଃଖ ହଉଚି।

**–ରେୟାନ୍ସ ଦାସ**
କ୍ଲାସ– ୩, ହର୍ମୋନି ସ୍କୁଲ ଅଫ୍ ଇଣ୍ଡିଭର, ଅଷ୍ଟିନ୍, ଟେକ୍ସାସ, ଆମେରିକା

## ବୁଲିବାକୁ ଅଛି ପ୍ଲାନିଂ



ଜେଜେଙ୍କ ବାର୍ଷିକ ଶ୍ରାଦ୍ଧ ସରିନି ବୋଲି ଏଥର ରଜ ଧୁମ୍‌ଧାମରେ ପାଳନ ହବନି ବୋଲି ଘରେ କହୁଛନ୍ତି। କିନ୍ତୁ ପିଠାପଣା ସାଙ୍ଗକୁ ଦୋଳି ଖେଳ ତ ନିଶ୍ଚିତ ହେବ। ଆଉ ପହିଲି ରଜରେ ଆମେ ସାଇନ୍ସ ପାର୍କ, ପ୍ଲାନେଟାରିୟମ୍ ବୁଲିବାକୁ ଯିବୁ। ଶେଷ ରଜରେ ବି ଖଣ୍ଡଗିରି, ଉଦୟଗିରି ଆଉ ମ୍ୟୁଜିୟମ୍ ବୁଲିବାକୁ ଯିବୁ ବୋଲି ବାବା କହିଛନ୍ତି। ସେଥିପାଇଁ ତ ଗାଁରୁ ସୋମୁ ଭାଇ ବି ଆସିଛି। ସ୍କୁଲ ଖୋଲିବ ବୋଲି ରଜ ଶେଷ ଦିନ ବଡ଼ବାପା ଓ ସୋନୁ ଭାଇ ପଳେଇଯିବେ।

**–ଆୟୁଷ୍ମାନ୍ ମହାନ୍ତି**
କ୍ଲାସ–୫, ଷ୍ଟିୱାର୍ଟ ସ୍କୁଲ, ୟୁନିଟ–୮, ଭୁବନେଶ୍ୱର



୧
ବିଶ୍ୱଜିତା ପଣ୍ଡା
କ୍ଲାସ- ୭, ଓଡିଶା ଆଦର୍ଶ ବିଦ୍ୟାଳୟ, ମାର୍ଶାଘାଇ, କେନ୍ଦ୍ରାପଡା


୨
ଅମ୍ରିତ୍ ସାହୁ
କ୍ଲାସ-୩, ଚନ୍ଦନ ମଣ୍ଡପ ସାହି ପ୍ରାଥମିକ ବିଦ୍ୟାଳୟ, ଇନ୍ଦିପୁର, ଢେଙ୍କାନାଳ


୩
ଶ୍ରବଣ କୁମାର ମଲ୍ଲିକ
କ୍ଲାସ- ୭, ଓଡିଶା ଆଦର୍ଶ ବିଦ୍ୟାଳୟ, ମାର୍ଶାଘାଇ, କେନ୍ଦ୍ରାପଡା


୪
ସିଦ୍ଧି ସ୍ୱରୂପା
କ୍ଲାସ- ୫, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, କେଦାରଗୌରୀ, ଭୁବନେଶ୍ୱର


୫
ଶୁଭାଙ୍ଗୀ ତ୍ରିପାଠୀ
କ୍ଲାସ- ୭, ଡିଏଭି ପବ୍ଲିକ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର


୬
ଶ୍ରୀନିକା ମିଶ୍ର
କ୍ଲାସ-୮, କେନ୍ଦ୍ରୀୟ ବିଦ୍ୟାଳୟ, ନୟାଗଡ


୭
ସାଇ ଶିବେଶ ବେହେରା
କ୍ଲାସ- ୫, କାର୍ମେଲ ସ୍କୁଲ, ରାଉରକେଲା


୮
ସାଇଶ୍ରୋତା ମଲ୍ଲିକ
କ୍ଲାସ-୧୦, ମାର୍ଶାଘାଇ ସରକାରୀ ହାଇସ୍କୁଲ, କେନ୍ଦ୍ରାପଡା




୧



୨




୭



୩




୪



୫



୬



୮

## ରଜ

ପହିଲି ଆଷାଢ଼ ଶୀତଳ ଛୁଆଁରେ
ପଲ୍ଲବିତ ତରୁଲତା,
ସବୁଜ ସବୁଜ ଦିଶୁଅଛି ଧରା
ଭୁଲି ନିଦାଘର ବ୍ୟଥା।
ରଜପର୍ବ ଆସେ ନୂଆରୂପ ନେଇ
ଭିଜାମାଟି ବାସ୍ନା ଛୁଟେ,
ଚଷାପୁଅ ପାଳେ ମହା ଆଡ଼ମ୍ବରେ
ଖୁସିରେ ସମୟ କଟେ।
ବୋହୂଚୋରିଠାରୁ ବାଗୁଡ଼ି ଖେଳରେ
ଗାଆଁ ଦାଣ୍ଡେ ଲାଗେ ଭିଡ଼,
ଲୁଡୁ,ଚେସ୍,ଆଉ ଭଳିଭଳି ଖେଳ
ଚାଲଇ ତାଆସ ମାଡ଼।
ରଜ ପୋଡ଼ପିଠା ଆହାକି ମଧୁର
ଘରେଘରେ ହୋଇଥାଏ,
ରଜଦୋଳି ଖେଳ ଗାଆଁ ଝିଅଙ୍କର
ଦୋଳିଗୀତ ଶୁଭୁଥାଏ।
**– ଅରୂପ କୁମାର ବିଶ୍ୱାଳ,**
ପାରାଦୀପ,
ମୋ: ୯୦୪୦୮୭୦୧୦୦





କ ବି ତା

## ଗଣ ପରବ

ଗଣ ପରବ ଯେ ରଜ
ଭରିବାକୁ ଆସେ ମନେ ମଉଜ
କହେ ମନୁ ଦୁଃଖ ତେଜ।
ରଜ ଓଡ଼ିଆଙ୍କ ପର୍ବ
ତା'ପାଇଁ ମନରେ ଆସଇ ଗର୍ବ
କରେ ଅହଂକାର ଖର୍ବ।
ଦୋଳି ଡାକେ କଟମଟ
ନ ମାନନ୍ତି କେହି କାହା ଆକଟ
ଖୁସି ହୁଅଇ ପ୍ରକଟ।
ମହକଇ ପୋଡ଼ପିଠା
ଆମ୍ବ ପଣସକୁ ନାନାଦି ମିଠା
ରସବୋହି ଲାଗେ ଅଠା।
ଭଙ୍ଗାଯାଏ ରଜପାନ
ପାନ ମୋହିନିଏ ସଭିଙ୍କ ମନ
ସେ ପାନ ଅମୂଲ୍ୟ ଧନ।
**– ଜୟନ୍ତ କୁମାର ମଲ୍ଲିକ୍**
ଶୂରଡିହ, ନନ୍ଦିପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

## ପରବ ଭିତରେ ରଜା

ସାନଠାରୁ ବଡ଼ ଚାହିଁ ବସିଛନ୍ତି
ଆସିବ ବୋଲିକି ରଜ
କେତେ ନୂଆ ନୂଆ ବେଶ ପୋଷାକରେ
ହୋଇବେ ସଭିଏଁ ସଜ।
ପୋଡ଼ପିଠା ମଣ୍ଡା ଛଣା କାକରାରେ
ମହକି ଉଠିବ ଗାଆଁ
ତିନି ଦିନ ଯାକ ବାଟ ଘାଟ ଜମା
ଲାଗିବନି ଖାଆଁ ଖାଆଁ।
ସଭିଙ୍କର ପାଟି ନାଲି ଦେଖାଯିବ
ରଜ ଖିଲି ପାନ ଖାଇ
ପୁଅ ଝିଅ ସବୁ ଦୋଳିରେ ଝୁଲିବେ
ରଜ ଗୀତ ଗାଇ ଗାଇ।
ସବୁ ପରବଠୁ ନିଆରା ଲାଗଇ
ରଜ ପରବର ମଜା
ସେଥିଲାଗି ସିଏ ଅଟଇ ସତରେ
ପରବ ଭିତରେ ରଜା।
**– ନିରାକାର ଚଇନି**
କଳିଗାଁ, ହାଟଡିହୀ, କେନ୍ଦୁଝର
ମୋ: ୮୨୪୯୩୮୭୯୭୩





## ଆସୁଛି ରଜ

ମନ ଛନ ଛନ ଆସୁଛି ରଜ,
ପିନ୍ଧି ନୂଆ ଜାମା ହୋଇବି ସଜ।
ସାଙ୍ଗ ସାଥି ମେଳେ ବୁଲିବି କେତେ,
ଦୋଳି ଝୁଲୁଥିବ ଗାଆଁରେ ଯେତେ।
ରଜ ପାନ ଖାଇ ବାସିବ ମୁହଁ,
ଖରା ଛୁଟି ଶେଷ ଆନନ୍ଦ ମୟ।
ପୋଡ଼ପିଠା ଘରେ ଘରେ ହୋଇବ,
ନଡ଼ିଆ ଗୁଡ଼ର ସ୍ୱାଦ ମିଳିବ।
ଶୁଭୁଥିବ ଦୋଳି ଖେଳଠୁ ଢଗ,
ଶୁଣିବାକୁ ଲାଗେ ଭାରି ସରାଗ।
କବାଡ଼ି ଖେଳର ପ୍ରତିଯୋଗିତା,
ବଢ଼ାଇଥାଏ ଆମ ମିତ୍ରତା।
ରଜ ପାଗ କରି ଆସିବ ମେଘ,
ଗ୍ରୀଷ୍ମ ଥାଇ ହିମ ଲାଗଇ ଅଙ୍ଗ।
ରଜ ଶେଷେ ଲାଗେ କୃଷି ଜଞ୍ଜାଳ,
ବିଦ୍ୟାଳୟ ଯିବୁ ଆମେ ସକଳ।
**– କାମାକ୍ଷା ପ୍ରସାଦ ବେହେରା**
ଇନ୍ଦିପୁର, ଢେଙ୍କାନାଳ
ମୋ: ୯୧୭୮୮୫୬୨୦୩

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

## କେକ୍ ଡ୍ରେସ୍

ଡ୍ରେସ୍, ପୁଣି କେକ୍‌ରେ ତିଆରି। ଏକଥା ଶୁଣିବାକୁ ସମସ୍ତଙ୍କୁ ଅଡୁଆ ଲାଗିପାରେ। ହେଲେ ଏହା ବି ସତ। ଏମିତି ଏକ କେକ୍ ଡ୍ରେସ୍ ତିଆରି କରିଛନ୍ତି ସ୍ୱିଜରଲାଣ୍ଡର ନତାଶା କୋଲିନେ କିମ୍ ଫା ଲି ଫୋକାଶ୍। ତାଙ୍କର ଏହି କେକ୍ ଡ୍ରେସ ଓଜନ ରହିଛି ୧୩୧.୧୫ କିଲୋଗ୍ରାମ୍। ପାରମ୍ପରିକ କେକ୍ ପ୍ରସ୍ତୁତି ସାମଗ୍ରୀ ସବୁକୁ ନେଇ ନତାଶା ଏହି କେକ୍ ଡ୍ରେସ୍ ତିଆରି କରିଛନ୍ତି। ଏକ ଆଲୁମିନିୟମ୍ ଫ୍ରେମ୍ ଉପରେ ଏହି କେକ୍ ପ୍ରସ୍ତୁତ ହୋଇଛି, ଯାହା ସ୍କର୍ଟ ଭଳି ହୋଇଛି। ଏଥିରେ ଛୋଟ ବୋର୍ଡ ମଧ୍ୟ ଲଗାଯାଇଛି, ଯାହାଫଳରେ କେକ୍‌କୁ ସହଜରେ କାଢି ଖାଇହେବ। ତେବେ ପ୍ରଥମ ଥର ପାଇଁ ଏଭଳି ଏକ ଭିନ୍ନ ଧରଣର ତଥା ପିନ୍ଧି ପାରୁଥିବା କେକ୍ ତିଆରି କରି ନତାଶା ଗିନିଜ୍ ବୁକ୍‌ରେ ସାମିଲ ହୋଇଛନ୍ତି। ସେ ଜଣେ କେକ୍ ଡିଜାଇନର। ବିଭିନ୍ନ ପାର୍ଟି ନିମନ୍ତେ ସେ ସୁନ୍ଦର ଡିଜାଇନ୍ କେକ୍ ତିଆରି କରନ୍ତି। ତେବେ ଏକ ବିରାଟ କେକ୍ ତିଆରି କରିବା ଲାଗି ସେ ଯୋଜନା କରିଥିଲେ। ଶେଷରେ ତାଙ୍କ କଳ୍ପନାକୁ ରୂପ ଦେବାକୁ ଯାଇ କେକ୍ ଡ୍ରେସ୍ ତିଆରି କରିଥିଲେ, ଏହି ନିଆରା ଡ୍ରେସ୍ କେକ୍‌କୁ ଖାଇବାର ସମସ୍ତେ ମଜା ନେଇଥିଲେ।



## ଏଥରର


- ରଜ ପର୍ବ ମୁଖ୍ୟତଃ କେଉଁ ରାଜ୍ୟରେ ପାଳନ କରାଯାଏ ?
- ରଜର ପୂର୍ବଦିନକୁ କ'ଣ କୁହାଯାଏ ?
- ରଜପର୍ବର ପ୍ରଥମ ଓ ଦ୍ୱିତୀୟ ଦିନକୁ କ'ଣ କହନ୍ତି ?
- ରଜପର୍ବର ତୃତୀୟ ଦିନକୁ କ'ଣ କହନ୍ତି ?
- ରଜର ମୁଖ୍ୟ ଆକର୍ଷଣ କ'ଣ ?



ଉ ତ୍ତ ର

## ଗତଥରର

- ଭାରତ
- ଅଶୋକଚକ୍ର
- ସିଂହ
- ଜାପାନ
- ଆଫ୍ରିକା



## କହିଲ ଦେଖି

ଗାଆଁ ବରଗଛେ ଲାଗଇ ଦୋଳି
ପିଠାପଣା ହୁଏ ଭଳିକି ଭଳି
ପାନ ଖାଇ ଓଠ କରନ୍ତି ନାଲି
ନୂଆ ପିନ୍ଧିସବୁ ଆସନ୍ତି ବୁଲି
ବିଲକୁ ଯାଏନି କୃଷକ ଭାଇ
ଭୂମି ପୂଜା ଅଟେ ତାଙ୍କରି ପାଇଁ
ଓଡ଼ିଆଙ୍କ ବଡ଼ ପରବ ଇଏ
ନାମଟି ତାହାର କହିବ କିଏ ?

**ଉ– ରଜ**




ଝୁଲୁଥାଏ ଗାଆଁ ବରଗଛରେ
କେବେ ପିଣ୍ଡା କେବେ ଘର ପଛରେ
ଖେଳିବା ପାଇଁ କି ତା ବ୍ୟବହାର
ବର୍ଷରେ ଥରୁଟେ ତା'ର ସମ୍ଭାର
ସବୁଠୁ ନିଆରା ଖେଳଟି ସିଏ
ନାମଟି ତାହାର କହିବ କିଏ ?

**ଉ– ଦୋଳି**



ପତର ଉପରେ ଚୂନ ଖଇର
ଲାଗିଗଲେ ସ୍ୱାଦ ବଢ଼େ ତାହାର
ଗୁଆ ଧଣିଆକୁ ନଡ଼ିଆ ଚେରି
ଖାଇଦେଲେ ନାଲି ଓଠ ସବୁରି
ବୁଲିବାକୁ ଗଲେ କେବେ ରଜରେ
ମିଳିଥାଏ ତାହା ସବୁରି ଘରେ
ମିଠା ମିଠା ଏକ ଦରବ ସିଏ
ନାମଟି ତାହାର କହିବ କିଏ ?

**ଉ– ରଜପାନ**




ବୃତ୍ତାକାର ଅଟେ ରୂପଟି ତା'ର
ଭାରି ସୁଆଦିଆ ଏକ ଆହାର
ଚାଉଳ ଚୂନାରେ ସେ ଗଢ଼ାହୁଏ
ଗୁଡ଼ ନଡ଼ିଆ ବି ସେଥିରେ ଥାଏ
ରଜ ପରବଟି ଆସିଲା ପରେ
ବାସି ମହକଇ ଓଡ଼ିଆ ଘରେ
ପଲମ ଉପରେ ପୋଡ଼ନ୍ତି ଥୋଇ
ତା' ନାମ କିଏ ସେ ପାରିବ କହି।

**ଉ– ପୋଡ଼ପିଠା**



**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ: ୮୩୧୦୩୨୮୩୪୫






# ନିଆରା ଚିଡ଼ିଆଖାନା



**ସମଗ୍ର ବିଶ୍ୱରେ ବହୁ ଚିଡ଼ିଆଖାନା ରହିଛି । ହେଲେ ଏଭଳି କେତେକ ଚିଡ଼ିଆଖାନା ଅଛି, ନିଜର ସ୍ୱାତନ୍ତ୍ର ପାଇଁ ସେଗୁଡ଼ିକ ନିଆରା ଚିଡ଼ିଆଖାନା ଭାବରେ ପରିଚିତ । ସେଭଳି କେତେକ ପ୍ରମୁଖ ଚିଡ଼ିଆଖାନା ବିଷୟରେ...**

**ଏଡିନ୍‌ବର୍ଗ ଜୁ, ସ୍କଟ୍‌ଲାଣ୍ଡ:** ଏହି ଚିଡ଼ିଆଖାନାରେ ବିଲୁପ୍ତ ପ୍ରାୟ ପ୍ରାଣୀଙ୍କୁ ସଂରକ୍ଷିତ କରି ରଖାଯାଏ। ଏହା ହେଉଛି ସ୍କଟ୍‌ଲାଣ୍ଡର ସର୍ବପୁରାତନ ତଥା ପ୍ରଥମ ଚିଡ଼ିଆଖାନା। ଏଠାରେ ପେଙ୍ଗୁଇନ୍, କୋଆଲା ଏବଂ ଜାଏଣ୍ଟ ପାଣ୍ଡାକୁ ରଖାଯାଇ ସେମାନଙ୍କର ବିଶେଷ ଯତ୍ନ ନିଆଯାଉଛି। ଏଭଳି ପ୍ରାଣୀଙ୍କୁ ରଖି ସେମାନଙ୍କର ବଂଶ ବୃଦ୍ଧି କରାଇବା ଏହି ଚିଡ଼ିଆଖାନାର ମୁଖ୍ୟ ଲକ୍ଷ୍ୟ। ଏଠାରେ ବହୁ ସଂଖ୍ୟାରେ ସିମ୍ପାଞ୍ଜି ଦେଖାଯାଆନ୍ତି। ତେବେ ଏଭଳି ବିରଳ ପ୍ରାଣୀଙ୍କୁ ଦେଖିବା ଲାଗି ଏଠାରେ ବର୍ଷତମାମ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ।

**ଟରୋଣ୍ଟ ଜୁ, କାନାଡ଼ା :** ଏହା କାନାଡ଼ାର ବୃହତ୍ତମ ଚିଡ଼ିଆଖାନା। ଏହାକୁ ମଧ ବିଶ୍ୱର 'ବିଶାଳ ଚିଡ଼ିଆଖାନା'ର ମାନ୍ୟତା ଦିଆଯାଇଛି। ୭୧୦ ଏକର ସ୍ଥାନରେ ଏହାକୁ ନିର୍ମାଣ କରାଯାଇଛି। ଏହି ଚିଡ଼ିଆଖାନାରେ ଏବେ ପ୍ରାୟ ୧୬,୦୦୦ ଜୀବଜନ୍ତୁ ଅଛନ୍ତି।

**ଚେଷ୍ଟର ଜୁ:** ଏହା ଇଂଲଣ୍ଡର ସବୁଠାରୁ ବଡ଼ ଚିଡ଼ିଆଖାନା। ୧୬୦ ହେକ୍ଟର ଜାଗାରେ ନିର୍ମିତ ହୋଇଛି ଏହି ମନୋରମ ଚିଡ଼ିଆଖାନା। ଏଠାରେ ପ୍ରାୟ ୨୭,୦୦୦ ଜୀବଜନ୍ତୁଙ୍କୁ ଦେଖିବାକୁ ମିଳେ। ଏହାକୁ ଜୀବଜନ୍ତୁଙ୍କ ଘର କହିଲେ ଅତ୍ୟୁକ୍ତି ହେବନାହିଁ। ଏଠାରେ ଅଧିକ ଜିରାଫ୍ ଏବଂ ଓକୋପିଙ୍କୁ ଦେଖିବାକୁ ମିଳେ।

**ସ୍ମିଥୋସୋନିଆନ୍ସ ନାଶନାଲ ଜୁ:** ଏହା ଆମେରିକାର ରାଜଧାନୀ ୱାଶିଂଟନ୍ ଠାରେ ଅବସ୍ଥିତ । ଏଠାରେ ପ୍ରାୟ ୧୮୦୦ ପ୍ରଜାତିର ଜୀବଜନ୍ତୁଙ୍କୁ ଦେଖିବାକୁ ମିଳେ। ପର୍ଯ୍ୟଟକ ବିନା ଦେୟରେ ଚିଡ଼ିଆଖାନା ଭିତରେ ବୁଲିପାରିବେ।

**ବ୍ରୋଙ୍କ୍ସ ଜୁ:** ଆମେରିକାର ନ୍ୟୁୟର୍କଠାରେ ଅବସ୍ଥିତ ଏହି ଜୁ। ଏଠାରେ ପ୍ରାୟ ୬୦୦୦ ଜୀବଜନ୍ତୁ ଅଛନ୍ତି। ୨୬୫ ଏକର ଜମିରେ ଏହାକୁ ନିର୍ମାଣ କରାଯାଇଛି।

**ଭିଏନା-ଅଷ୍ଟ୍ରିଆ ଜୁ:** ବିଶ୍ୱର ପୁରାତନ ଚିଡିଆଖାନା ବିଷୟରେ ଜାଣିଛ ? ଅଷ୍ଟ୍ରିଆର ରାଜଧାନୀ ଭିଏନାସ୍ଥିତ ଏହି (ଭିଏନା-ଅଷ୍ଟ୍ରିଆ) ଚିଡ଼ିଆଖାନାକୁ ବିଶ୍ୱର ସବୁଠାରୁ ପୁରୁଣା ଚିଡ଼ିଆଖାନା ବୋଲି କୁହାଯାଏ। ଏହାକୁ ଜନସାଧାରଣଙ୍କ ପାଇଁ ୧୭୫୨ରେ ଖୋଲା ଯାଇଥିଲା। ଏହି ଚିଡ଼ିଆଖାନାରେ ଅନେକ ଜୀବଜନ୍ତୁଙ୍କ ସଂରକ୍ଷଣ କରି ରଖାଯାଇଛି। ଏଥି ସହିତ ଏହାକୁ ଏଜୁକେଶନ୍ ସେଣ୍ଟର ଭାବେ ବ୍ୟବହାର କରାଯାଉଛି।

**ଭେସେଲ ଜୁ:** ସୁଇଜରଲାଣ୍ଡରେ ଅବସ୍ଥିତ ଏକ ଭିନ୍ନ ଧରଣର ଜୁ ଭାବେ ପରିଚିତ ଭେସେଲ୍ ଜୁ'। ପର୍ଯ୍ୟଟକଙ୍କ ଦ୍ୱାରା ଅଧିକ ପସନ୍ଦଯୋଗ୍ୟ ଟୁରିଷ୍ଟ ପ୍ଲେସ ଭାବରେ ଏହା ବିବେଚିତ। ଏଠାକୁ ପ୍ରତିବର୍ଷ ପ୍ରାୟ ୧.୮ ମିଲିୟନ ପର୍ଯ୍ୟଟକ ଆସିଥା'ନ୍ତି। ଏଠାରେ ବିଲୁପ୍ତ ହୋଇଯାଉଥିବା ପ୍ରାଣୀଙ୍କୁ ସଂରକ୍ଷଣ କରି ରଖାଯିବା ସହ ତାଙ୍କର ପ୍ରଜନନ ବ୍ୟବସ୍ଥା ମଧ କରାଯାଇଥାଏ। ଏଠାରେ ଗେଣ୍ଡା, ଜିରାଫ, ଚିତାବାଘ, ମାଙ୍କଡ଼, ସମୁଦ୍ର ଘୋଡ଼ା, ଫ୍ଲାମିଙ୍ଗୋ ବାର୍ଡ ଆଦି ଦେଖିବାକୁ ମିଳିଥାନ୍ତି।

**ହେନରୀ ଡୁର୍ଲି ଜୁ:** ଏହି ଚିଡିଆଖାନା ଉତ୍ତର ଆମେରିକାରେ ଅବସ୍ଥିତ। ଏଠାରେ ବିଶ୍ୱର ପ୍ରଥମ ଇନ୍‌ଡୋର ଡେଜର୍ଟ ରହିଛି। ଏଠାରେ ଅଧିକ ସଂଖ୍ୟାରେ ନିଶାଚର ପ୍ରାଣୀଙ୍କୁ ଦେଖିବାକୁ ମିଳିଥାଏ। ଏହାବ୍ୟତୀତ ଏହି ଚିଡିଆଖାନା ଭିତରେ ସାମୁଦ୍ରିକ ପ୍ରାଣୀ ସଂରକ୍ଷଣ କରି ରଖାଯାଇଛି।

**ସିଙ୍ଗାପୁର ଜୁ:** ଏହି ଚିଡ଼ିଆଖାନାର ଏକ ସ୍ୱତନ୍ତ୍ର ବିଶେଷତ୍ୱ ରହିଛି। ଏଠାରେ ଜୀବଜନ୍ତୁ ପିଞ୍ଜରାରେ ରୁହନ୍ତି ନାହିଁ। ପ୍ରାଣୀ ଏବଂ ପର୍ଯ୍ୟଟକଙ୍କ ମଧ୍ୟରେ ଦୂରତା ରକ୍ଷା କରିବା ନିମନ୍ତେ ସେମାନଙ୍କ ମଝିରେ ଟନେଲ୍ ଖୋଳାଯାଇଛି। ତେଣୁ ସେମାନେ ଜୀବଜନ୍ତୁଙ୍କୁ ବିନା ଅସୁବିଧାରେ ଦେଖିପାରନ୍ତି। ଉକ୍ତ ଚିଡିଖାନାରେ ସରୀସୃପମାନଙ୍କୁ କାଚ କଣ୍ଟେନର ମଧ୍ୟରେ ରଖାଯାଇଥାଏ। ତା'ସହ କଙ୍ଗାରୁ ଏବଂ ଅନ୍ୟ କେତେକ ପ୍ରାଣୀ ଖୋଲା ବୁଲୁଥିବାର ଦେଖିବାକୁ ମିଳନ୍ତି।






# ଆ ଇ ନା



ଅନ୍ୱିକା ମହାନ୍ତି
୮ ବର୍ଷ, କଟକ



ବୈଷ୍ଣବୀ ମିଶ୍ର
୭ ବର୍ଷ, ଖୋର୍ଦ୍ଧା